ଧରିତ୍ରୀ
DHARITRI
ସୋମବାର, ୧୫ ନଭେମ୍ବର ୨୦୨୧

## ବନ୍ଧୁକ ମୁନରେ ସୁନା ଚେନ ଲୁଟ୍

ଆନନ୍ଦପୁର,(ସ୍ୱ.ପ୍ର.)- କେନ୍ଦୁଝର ଜିଲା ଆନନ୍ଦପୁର ବ୍ୟାରେଜ ନିକଟରେ ଦୁର୍ବୃତ୍ତମାନେ ଫାଙ୍କା ଗୁଳି ଚାଳନା କରି ଦମ୍ପତିଙ୍କ ଠାରୁ ସୁନାଚେନ ଲୁଟି ନେଇଛନ୍ତି। ଆନନ୍ଦପୁର ପୌରପରିଷଦ ପଦ୍ମପୁର ଗ୍ରାମର ରାମଚନ୍ଦ୍ର ସାହୁ ଓ ସ୍ତ୍ରୀ ଇନ୍ଦୁମତୀ ରବିବାର ସନ୍ଧ୍ୟାରେ ଘରକୁ ଫେରୁଥିଲେ। ବାଇକ୍‌ରେ ଆସି ୩ ଦୁର୍ବୃତ୍ତ ଫାଙ୍କା ଗୁଳି ଚାଳନା କରି ଇନ୍ଦୁମତୀଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ। ରାମଚନ୍ଦ୍ର ବିରୋଧ କରିବାରୁ ସେମାନଙ୍କ ଆକ୍ରମଣରେ ଗୁରୁତର ହୋଇ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



# ସ୍କୁଲ ପାଖରେ ଗୁଟ୍‌ଖା ବିକ୍ରି କଲେ ଜରିମାନା

■୩୦୦ ଫୁଟ ପରିଧି ମଧ୍ୟରେ ରଖିପାରିବେନି ଦୋକାନୀ

■ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି କୁପ୍ରଭାବ

କେନ୍ଦୁଝର,୧୪।୧୧(ଡି.ଏନ୍.ଏ.)

ରାଜ୍ୟରେ ସବୁ ସ୍କୁଲଗୁଡ଼ିକର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଏଣିକି ସ୍କୁଲ ନିକଟରେ ସିଗାରେଟ, ବିଡ଼ି,ପାନ,ଗୁଟ୍‌ଖା ବ୍ୟବହାର ଉପରେ କଟକଣା କରାଯାଇଛି। ସ୍କୁଲରେ କୌଣସି ଶିକ୍ଷକ ତଥା କର୍ମଚାରୀମାନେ ପାନ, ବିଡ଼ି, ସିଗାରେଟ, ଗୁଟଖା ଖାଇପାରିବେ ନାହିଁ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସ୍କୁଲ ପରିସର କିମ୍ବା ସ୍କୁଲ ପାଖରେ ବିଭିନ୍ନ ଗୁଟ୍‌ଖା ସାମଗ୍ରୀ ବିକ୍ରି ଉପରେ ନିୟମ ଲାଗୁ କରାଯାଇଥିଲେ ହେଁ ଏହାକୁ ପାଳନ କରାଯାଉ ନାହିଁ। ପୋଲିସ, ଅବକାରୀ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ଯାଞ୍ଚ ନ କରିବା ଫଳରେ ସ୍କୁଲ ନିକଟରେ ଅବାଧରେ ଏହା ବିକ୍ରି ହେଉଛି।

କୌଣସି ସ୍କୁଲ ପରିସରରେ ସିଗାରେଟ କିମ୍ବା ଗୁଟଖାର ଯାଞ୍ଚ ସହ ୩୦୦ ଫୁଟ ପରିଧିରେ ଏପରି ଅବକାରୀ ସାମଗ୍ରୀର ଯାଞ୍ଚ କରାଯିବ। ଏ ନେଇ ଡିଇଓ ଏବଂ ବିଇଓମାନଙ୍କୁ ତଦାରଖ ଦାୟିତ୍ୱ ଦିଆଯାଇଛି। ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ଶିକ୍ଷାନୁଷ୍ଠାନ ତମାଖୁମୁକ୍ତ ଅଞ୍ଚଳ ଭାବେ କାର୍ଯ୍ୟ କରିପାରୁ ନ ଥିବା କଥା ଜଣାପଡ଼ିଛି। ଜିଲାପାଳ ଓ ଏସ୍‌ପିଙ୍କ ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟାଳୟ ପରିସର ତମାଖୁମୁକ୍ତ ଅଞ୍ଚଳରେ ପରିଣତ କରିବା ପାଇଁ ଜିଲାପାଳ ଆଶିଷ ଠାକ୍‌ରେ ଗତ ୨୦୧୯ ଜୁଲାଇ ୨ରେ ପତ୍ର ଲେଖିଥିଲେ। କିନ୍ତୁ ଜିଲାପାଳଙ୍କ ଏହି ନିର୍ଦ୍ଦେଶପରେ ବି ଅନେକ କାର୍ଯ୍ୟାଳୟର କର୍ମଚାରୀମାନେ ଗୁଟ୍‌ଖା ସେବନ କରି ଅଫିସରେ କାମ କରୁଥିବା ପରିଲକ୍ଷିତ ହୋଇଛି। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କେତେକ ଶିକ୍ଷକ ଓ ଅଧ୍ୟାପକମାନେ ମଧ୍ୟ ଗୁଟ୍‌ଖା ସେବନ କରୁଥିବା ଲକ୍ଷ୍ୟ କରାଯାଇଛି। ଏସମ୍ପର୍କରେ ବ୍ୟାପକ ସଚେତନତାର ଆବଶ୍ୟକତା ଥିବାରୁ ମହାବିଦ୍ୟାଳୟରେ ମଧ୍ୟ ଛାତ୍ରୀଛାତ୍ରମାନେ ଗୁଟ୍‌ଖାରୁ କିପରି ଦୂରେଇ ରହିପାରିବେ ସେଥିପ୍ରତି ସଚେତନତାମୂଳକ ପଦକ୍ଷେପ ନେବାକୁ ଦାବି ହେଉଛି। ସ୍କୁଲରେ ସୁସ୍ଥ ପରିବେଶ ସାଙ୍ଗକୁ ପିଲାମାନେ ଯେପରି ସିଗାରେଟ, ଗୁଟଖା ଭଳି ବଦଭ୍ୟାସ ଠାରୁ ଦୂରରେ ରହନ୍ତି ସେ ସମ୍ପର୍କରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଶିକ୍ଷାବିତ୍ ରବୀନ୍ଦ୍ର କୁମାର ପଣ୍ଡା କହିଛନ୍ତି। ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନୂତନ ବିଜ୍ଞପ୍ତି ପରେ ଏବେ ସ୍କୁଲ ଠାରୁ ୩୦୦ ଫୁଟ ପରିଧିରେ ଗୁଟଖା, ସିଗାରେଟ, ପାନ ବିକ୍ରି ହେଲେ ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଫାଇନ ଆଦାୟ ହେବ ବୋଲି ଡିଇଓ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି।

## ସଂକ୍ଷେପରେ

### କାଠ ବୋଝେଇ ବୋଲେରୋ ଜବତ: ୫ ଗିରଫ

ଠାକୁରମୁଣ୍ଡା, ୧୪।୧୧ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରୁ ଶନିବାର ରାତିରେ ଚୋରାକାଠ ବୋଝେଇ କରି ନେଉଥିବା ଏକ ବୋଲେରୋକୁ ବନ ବିଭାଗ ଜବତ କରିଛି। ଠାକୁରମୁଣ୍ଡା ବନ ବିଭାଗ ଓ କେନ୍ଦୁମୁଣ୍ଡି ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଉକ୍ତ ଗାଡ଼ି ଜବତ ସହ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଢେଙ୍କା ଅଞ୍ଚଳର ଅଭିମନ୍ୟୁ ବେହେରା, ସନାତନ ସେଠୀ, ଅଭୟ ସେଠୀ, ବନ୍ତ ଥାନା ଅଧୀନ ଅଡ଼ାଳପଙ୍କ ଗ୍ରାମର ଦେବୀପ୍ରସନ୍ନ ପଡ଼ିଆରୀ, ସୋସ ଥାନା ଅନ୍ତର୍ଗତ ବାରଗଡ଼ିଆ ଗ୍ରାମର ଶତ୍ରୁଘ୍ନ ସ୍ୱାଇଁ। ପ୍ରକାଶ ଯେ, ଠାକୁରମୁଣ୍ଡା ରେଞ୍ଜ ଅସନବଣୀ ଗ୍ରାମରୁ ୧୬ଖଣ୍ଡ ସାଇଜ ଶାଳ କାଠକୁ ବୋଲେରୋରେ କେନ୍ଦୁଝର ଜିଲା ଢେଙ୍କା ଅଞ୍ଚଳକୁ ନିଆଯାଉଥିଲା। ଖବର ପାଇ କେନ୍ଦୁମୁଣ୍ଡି ରେଞ୍ଜ ଫରେଷ୍ଟର ଚନ୍ଦ୍ରଭାନୁ ମହାନ୍ତ, ମନୋଜ କୁମାର ବେହେରାଙ୍କ ନେତୃତ୍ୱରେ କର୍ମଚାରୀମାନେ ଉକ୍ତ ଗାଡ଼ିକୁ ପିଛା କରିଥିଲେ। ଏନେଇ ବନ ବିଭାଗ ପକ୍ଷରୁ ମାମଲା (ନଂ.୧୨୭/୨୧) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ବ୍ଲକସ୍ତରୀୟ ଶବର ଜାତି ମହାସଭା

ଆନନ୍ଦପୁର,୧୪।୧୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କଣ୍ଟିପାଳ ପଞ୍ଚାୟତ ବିରିଡିହା ଗ୍ରାମରେ ବ୍ଲକ ସ୍ତରୀୟ ଶବର ଜାତି ମହାସଭା ରବିବାର ପାଳିତ ହୋଇଯାଇଛି। ଜିଲା ଶବର ସମାଜ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ବିଦ୍ୟାଧର ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଜିଲା ସଭାପତି ଇନ୍ଦ୍ରମଣି ଦେହୁରୀ, ସାଧାରଣ ସମ୍ପାଦକ ତ୍ରୈଲୋଚନ ଦେହୁରୀ, କାର୍ଯ୍ୟକାରୀ ସଭାପତି ଘନଶ୍ୟାମ ଖଟୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶବର ସମାଜ ପ୍ରତି ହୋଇଆସୁଥିବା ଅବହେଳା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଆନନ୍ଦପୁର ବ୍ଲକ ସଭାପତି ସରୋଜ କୁମାର ସାମଲ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଖଟୁଆ, ସମ୍ପାଦକ ଭାଗବତ ଦେହୁରୀ ପ୍ରମୁଖ ପରିଚଳନା କରିଥିଲେ।

### ବିଶ୍ୱ ମଧୁମେହ ଦିବସ

ବନ୍ତ,୧୪।୧୧(ସ୍ୱ.ପ୍ର.)-ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୋନମ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତର ସସ୍ମିତା ଖିଲାର ଓ ଫାର୍ମାସିଷ୍ଟ ପଙ୍କଜିନୀ ଦାଶ ମଧୁମେହର କାରଣ ଓ ନିରାକରଣ ବିଷୟରେ ସଚେତନ କରାଇଥିଲେ। ଷ୍ଟାଫନର୍ସ ସସ୍ମିତା ଜେନା, ପ୍ରିୟମ୍ବଦା କିଶାନ ପ୍ରମୁଖ ଲୋକଙ୍କ ମଧୁମେହ ପରୀକ୍ଷା କରିଥିଲେ। ଏହି ଅବସରରେ ଯୋଗ ଶିକ୍ଷକ ସନ୍ତୋଷ ପଣ୍ଡା ମଧୁମେହର ପ୍ରତିକାର ଓ ଶରୀରକୁ ସୁସ୍ଥ ରଖିବା ପାଇଁ ଯୋଗ ଶିକ୍ଷା ଦେଇଥିଲେ। ଏଏନ୍‌ଏମ୍ ରମଣୀ ମହାନ୍ତି ଓ କର୍ମଚାରୀ ମନୋଜ କୁମାର ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଯାଦବ ସମିତି ପକ୍ଷରୁ ବାର୍ଷିକ ସମ୍ମିଳନୀ

ଯୋଡ଼ା, ୧୪।୧୧(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରର ଆଜାଦବସ୍ତି ସ୍ଥିତ ଲକ୍ଷ୍ମୀ ମନ୍ଦିର ପ୍ରାଙ୍ଗଣ ସଭାଗୃହରେ ଯୋଡ଼ା ଯାଦବ ସମିତି ପକ୍ଷରୁ ଏକ ବାର୍ଷିକ ସମ୍ମିଳନୀ ସହ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ଆୟୋଜିତ ଏହି ସଭାରେ ଜିଲା ଯାଦବ ସଙ୍ଗଠନର ସଭାପତି ପ୍ରଦୀପ କୁମାର ବାରିକ ଅଧକ୍ଷତା କରିଥିଲେ। ସଭା ପ୍ରାରମ୍ଭରେ ଯାଦବ କୁଳ ଶିରୋମଣୀ ଭଗବାନ ଶ୍ରୀକୃଷ୍ଣଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ସଭାରେ ଯୋଡ଼ା, ବଡ଼ବିଲ ମ୍ୟୁନିସିପାଲଟି ଓ ଯୋଡ଼ା ବ୍ଲକର କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିବା ବେଳେ ବରିଷ୍ଠ ଯାଦବ ନାଗରିକଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଯାଦବ ମହାସଭାର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ଭାଗବତ ଟୁଙ୍ଗିର ପ୍ରଚାର ପ୍ରସାରକ ଦଶରଥ ପ୍ରଧାନ, ଉପଦେଷ୍ଟା କ୍ଷେତ୍ରବାସୀ ମହାକୁଡ, ମିତ୍ରଭାନୁ ମହାକୁଡ (ଚମ୍ପୁଆ), ଯୋଡା,ବଡବିଲର ଉପଦେଷ୍ଟା ତ୍ରିଲୋଚନ ପଲେଇ, ଆୟୋଜକ ପୁରୁଷୋତ୍ତମ ଦାସ, ଯୋଡ଼ା ପୌରାଞ୍ଚଳର ଯାଦବ ସଭାପତି ସୁଶାନ୍ତ ବାରିକଙ୍କ ସମେତ ଶତାଧିକ ଯାଦବ ଭାଇ ମାନେ ଉପସ୍ଥିତ ଥିଲେ।

# ଲୁକ୍କାୟିତ ପ୍ରତିଭା ବିକଶିତ ହେଲେ ସମୃଦ୍ଧ ରାଷ୍ଟ୍ର ସମ୍ଭବ



କୃତୀ ଛାତ୍ରୀଛାତ୍ର।

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି**

ବାରିପଦା ଅଫିସ,୧୪।୧୧

ଶିଶୁ ଦିବସ ଅବସରରେ ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ରବିବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ନବକିଶୋର ଗିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ଡ.ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ, ସ୍ୱତନ୍ତ୍ର ଅତିଥି ଭାବେ ଆଇନସେବା ପ୍ରାଧିକରଣର ସମ୍ପାଦକ ସୌମ୍ୟରୂପ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଦୀପ୍ତି ନାଏକ, ନିତ୍ୟାନନ୍ଦ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ବିକଶିତ ହେଲେ ଏକ ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

୨୬ ବ୍ଲକରୁ ଆସିଥିବା ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ମନୋନୀତ ହୋଇ ଜିଲା ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କୃତୀ ଛାତ୍ରୀଛାତ୍ର ରାଜ୍ୟ ସ୍ତରରେ ଭାଗ ନେବେ। ସଙ୍ଗୀତରେ ରଶ୍ମୀରେଖା ମହାକୁଡ ୧ମ, ପୁଷ୍ପଲତା ନାଏକ ୨ୟ ଓ ପୂର୍ଣ୍ଣିମା ଗିରି ୩ୟ, ତର୍କରେ ଲିଜା ବର୍ଦ୍ଧନ ୧ମ, ଦେବରଞ୍ଜନ ଶିଖର ୨ୟ, ଶୁଭଲକ୍ଷ୍ମୀ ମାର୍ଣ୍ଡି ୩ୟ, ପ୍ରବନ୍ଧରେ ବିରଗା ଉଗରସୁଣ୍ଡି ୧ମ, ସ୍ୱାଗତିକା ମହାନ୍ତ ୨ୟ ଓ ଆର୍ଯ୍ୟା ଉପସିତା ପୃଷ୍ଟି ୩ୟ, ଚିତ୍ରାଙ୍କନରେ ସୁପ୍ରିୟା ଖେଶର୍ଦ୍ଧା ୧ମ, ରେଗା ସିଂ ୨ୟ ଓ ଅଲିଭା ମହାପାତ୍ର ୩ୟ ସ୍ଥାନ ଅଧିକାର କରିଛନ୍ତି। ସାଂସ୍କୃତିକ ଦଳ ମଧ୍ୟରେ ବିଶୋଇ ୟୁଜି ଉଚ୍ଚ ବିଦ୍ୟାଳୟ ପ୍ରଥମ, ବାରିପଦା ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ୨ୟ ଓ ଠାକୁରମୁଣ୍ଡା ସରକାରୀ ଉ.ପ୍ରା. ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି। ସମଗ୍ର ଶିକ୍ଷା ଅଭିଯାନର ଆଦିବାସୀ ଶିକ୍ଷା ସଂଯୋଜକ ସପନ ପୃଷ୍ଟି, ଶୈଳବାଳା ବେହେରା ଓ ଅଶୋକ ସାମଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ।

# ଜାତୀୟ ରାଜପଥରେ ଗର୍ତ୍ତ

ଆରଡ଼ି, ୧୪।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ଆରଡ଼ି ଫାଣ୍ଡି ସମ୍ମୁଖ ୨୦ ନଂ. ଜାତୀୟ ରାଜପଥରେ ଥିବା ଏକ କଲଭର୍ଟ ଦବି ଯିବାରୁ ଏଠାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଉକ୍ତ ଗର୍ତ୍ତ ଯୋଗୁ ଯାନବାହନ ଦୁର୍ଘଟଣା ଆଶଙ୍କା କରି ଫାଣ୍ଡି ପକ୍ଷରୁ ଏକ ସାଇନ ବୋର୍ଡ ରଖାଯାଇଛି। ଫଳରେ ରାସ୍ତାର ଗୋଟିଏ ପାର୍ଶ୍ୱ ବନ୍ଦ ହୋଇ ରହିଛି। ଅନ୍ୟ ଏକ ପାର୍ଶ୍ୱରେ ଗାଡ଼ି ଚଳାଚଳ କରୁଛି। ପ୍ରତ୍ୟେକ ସୋମବାର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ଲାଗି ହଜାର ହଜାର ଶ୍ରଦ୍ଧାଳୁ ଯାନ ନେଇ ଆରଡ଼ିକୁ ଆସୁଛନ୍ତି। ଗର୍ତ୍ତ ହୋଇଥିବା ସ୍ଥାନରେ ଟ୍ରାଫିକ ଜାମ୍ ପରିସ୍ଥିତି ସୃଷ୍ଟି ହେଉଛି। ଦୁଇମାସ ହେଲା ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ବିଭାଗୀୟ ଅଧିକାରୀ ଚୁପ୍ ରହୁଥିବା ଅଭିଯୋଗ କରୁଛନ୍ତି




ସ୍ଥାନୀୟ ଲୋକେ। ଏଠାରେ ଥିବା ନାଳକୁ ବନ୍ଦ କରି ଅସ୍ଥାୟୀ ଭାବେ ବାଇପାସ୍ ରାସ୍ତା ନିର୍ମାଣ କରି ଏକ ଛୋଟ ପୋଲ ଲାଗି ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ହୋଇଛି। ଦାବି ପୂରଣ କରା ନ ଗଲେ ଆଇନଶୃଙ୍ଖଳା ଭଳି ପରିସ୍ଥିତି ଉପୁଜିବ ବୋଲି ସ୍ଥାନୀୟ ଅଧିବାସୀ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବିଭାଗ କନିଷ୍ଠ ଯନ୍ତ୍ରୀ ଶୁଭସ୍ମିତା ପାଣିଙ୍କୁ ପଚାରିବାରୁ ଗର୍ତ୍ତ ଦେଖିଲା ପରେ ତୁରନ୍ତ ମରାମତି କାମ କରାଯିବ ବୋଲି କହିଛନ୍ତି।

# 'ପୁରୁଣା ଘରେ ରଙ୍ଗ ମାରି ବିଦ୍ୟାଳୟ ରୂପାନ୍ତରଣ କରାଯାଉଛି'



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

କେନ୍ଦୁଝର, ୧୪।୧୧ (ସ୍ୱ.ପ୍ର.)

ଶିକ୍ଷା ବିଭାଗର ଉନ୍ନତି ପାଇଁ ସରକାରଙ୍କ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିବା ବେଳେ ସମ୍ପୂର୍ଣ୍ଣ ନ ହୋଇ ମଧ୍ୟ ତରବରିଆ ଭାବେ ଉଦ୍‌ଘାଟନ କରାଯାଉଛି। କେନ୍ଦୁଝର ଜିଲାର ୧୦୦ଟି ସ୍କୁଲର ଉଦ୍‌ଘାଟନ ଅବସରରେ ଭାଜପା ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ବିଧାୟକ ମୋହନ ମାଝି ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବିନା ବ୍ୟୟ ଅଟକଳ, ଟେଣ୍ଡରରେ ଏହି କାମ ହେଉଥିବା ବେଳେ ଉପଯୁକ୍ତ ତଦାରଖ ଅଭାବରୁ କାମର ମାନ ମଧ୍ୟ ଖରାପ ହେଉଛି। ପୁରୁଣା ଘରେ ରଙ୍ଗ ମାରି ରୂପାନ୍ତର କାର୍ଯ୍ୟ କରାଯାଉଛି। ଫଳରେ ପିଲାମାନେ ସରକାରୀ ବିଦ୍ୟାଳୟକୁ ଆସିବା ପରିବର୍ତ୍ତେ ଘରୋଇ ସ୍କୁଲକୁ ଚାଲିଯାଉଛନ୍ତି। ରୂପାନ୍ତରିତ ହୋଇଥିବା ୧୦୦ଟି ହାଇସ୍କୁଲ ମଧ୍ୟରୁ ୨୫ଟିରେ ପ୍ରଧାନଶିକ୍ଷକ ନାହାନ୍ତି। ମୋଟ ୮୮୫ଟି ଅନୁମୋଦିତ ଶିକ୍ଷକ ପଦବୀ ମଧ୍ୟରୁ ୩୮୯ଜଣ ଶିକ୍ଷୟିତ୍ରୀ ଶିକ୍ଷକ କାମ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ଜିଲା ପରିଷଦ ସଭ୍ୟ ଅନୁବ୍ରତ ବେହେରା, ଜିଲା ସଂପାଦକ ଶିବ କୁମାର ରାଠୋର, ଦୀପକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝରରେ ପାହାଡ଼ିଆ ଓଲୁଅର ଚାହିଦା

କେନ୍ଦୁଝର, ୧୪।୧୧ (ସ୍ୱ.ପ୍ର.)

ଓଲୁଅ ହେଉଛି ମୂଳ ଜାତୀୟ ଖାଦ୍ୟ । ଏଥିରେ ଔଷଧୀୟ ଗୁଣ ରହିଛି, ଏଣୁ ସ୍ୱାସ୍ଥ୍ୟ ପକ୍ଷେ ହିତକର। ଏହା ମଧ୍ୟ ସୁସ୍ୱାଦୁ। ପ୍ରାକୃତିକ ପରିବେଶରେ ବିନା ସାରରେ ମିଳୁଥିବାରୁ ଏହାର ଚାହିଦା ରହିଛି । ବିଶେଷ କରି ପାହାଡରୁ ବନବାସୀ ମାନେ ଏହି ଓଲୁଅ ଆଣି କେନ୍ଦୁଝର ସହର ତଥା ହାଟବଜାରରେ ବିକି ଦୁଇ ପଇସା ରୋଜଗାର କରିଥାନ୍ତି। ତେବେ ବଜାରରେ ଏହା ଗୋଟା ୨୦ ଟଙ୍କାରୁ ଆରମ୍ଭ କରି ସାଇଜ ଅନୁଯାୟୀ ଏହାର ମୂଲ୍ୟ ୩୦୦ ଟଙ୍କା ପର୍ଯ୍ୟନ୍ତରେ ବିକ୍ରି ହୋଇଥାଏ। ଏହାର ଚାହିଦା ମଧ୍ୟ ବଡ଼ ବଡ଼ ସହରରେ



ଅଧିକ ରହିଛି। ଏଣୁ ବେପାରୀ ମାନେ କମ୍ ଦାମରେ କିଣି କଟକ, ଭୁବନେଶ୍ୱର ଆଦି ସହରକୁ ଚାଲାଣ କରି ଅଧିକ ଲାଭବାନ ହୋଇଥାନ୍ତି । ଏହା ସାଧାରଣତଃ କୁଣ୍ଡେଇ ହୋଇଥାଏ । ଏଣୁ ଏହାକୁ ସିଝାଇ ତେନ୍ତୁଳି ମିଶାଇ ଭର୍ତ୍ତା କରି ଖାଇଥାନ୍ତି । ଅନେକ ଏହାକୁ ଭାଜି କରି ଖାଇବାକୁ ଭଲ ପାଇଥାନ୍ତି। ବିଶେଷ କରି ଅର୍ଶ ରୋଗ ପାଇଁ ଏହା ଔଷଧ ଭଳି କାମ କରିଥାଏ ବୋଲି ବୈଦ ବିଶାରଦ ହରେକୃଷ୍ଣ ମହାନ୍ତ କହିଛନ୍ତି।

# 'ଶିକ୍ଷାରେ ପରିବର୍ତ୍ତନ ଆଣିବ ହାଇସ୍କୁଲ ରୂପାନ୍ତରଣ'

କେନ୍ଦୁଝର/ପାଟଣା/ଚମ୍ପୁଆ/ଢେଙ୍କିକୋଟ/ପଦ୍ମପୁର/ଭଦ୍ରକ ଅଫିସ, ୧୪।୧୧(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଓ ଭଦ୍ରକ ଜିଲାର ବିଭିନ୍ନ ବ୍ଲକର ରୂପାନ୍ତରିତ ହାଇସ୍କୁଲ ଲୋକାର୍ପଣ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲାରେ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦୦ଟି ରୂପାନ୍ତରିତ ହାଇସ୍କୁଲକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ସ୍ଥାନୀୟ ସରକାରୀ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ସମାରୋହରେ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ବିଧାୟକ ବଦ୍ରି ନାରାୟଣ ପାତ୍ର, ଏମ୍‌ପି ଚନ୍ଦ୍ରାଣି ମୁର୍ମୁ, ଜିଲାପାଳ ଆଶିଷ ଠାକରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଲୋପାମୁଦ୍ରା ମହାନ୍ତ ମଞ୍ଚରେ ବସିଥିଲେ। ସେହିପରି ପାଟଣା ବ୍ଲକ ଅଞ୍ଚଳର ୬ଟି ଓ ସାହାରପଡା ବ୍ଲକର ୭ଟି ହାଇସ୍କୁଲକୁ ୫-ଟି ବିଦ୍ୟାଳୟରେ ରୂପାନ୍ତରଣ କରିଛନ୍ତି। ତୁରୁମୁଙ୍ଗା ଦଧିବାମନ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ



କେନ୍ଦୁଝରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି ଚନ୍ଦ୍ରାଣି ମୁର୍ମୁ, ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ବିଧାୟକ ବଦ୍ରି ନାରାୟଣ ପାତ୍ର, ଜିଲାପାଳ ଆଶିଷ ଠାକରେ ଓ ଅନ୍ୟମାନେ।

ହୋଇଥିଲା। ପ୍ରଧାନ ଶିକ୍ଷକ ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ବ୍ଲକ ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଚମ୍ପୁଆ ବ୍ଲକରେ ୬ ହାଇସ୍କୁଲକୁ ଉକ୍ତ ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ବିଡିଓ ନୁପୁରୁ ଚାନ୍ଦ ଗୋଟିଆ, ଚମ୍ପୁଆ ଥାନା ଆଇଆଇସି ଗଗନ ବିହାରୀ ନାୟକ, ମହତାବ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଢେଙ୍କିକୋଟରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱୟ ଉଦ୍‌ଘାଟନୀ ଉତ୍ସବରେ ସାମିଲ ହୋଇଛନ୍ତି। ଢେଙ୍କିକୋଟ ସରପଞ୍ଚ ଗୌରୀ ବାରିକ, ଘଟଗାଁ ବ୍ଲକ, ଅଫିସର ଗୋପବନ୍ଧୁ ନାୟକ, ଢେଙ୍କିକୋଟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରୋହିତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଭଦ୍ରକ ଜିଲାର ୧୭ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପଣ କାର୍ଯ୍ୟକ୍ରମ ସାବରଙ୍ଗ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲାପାଳ ତ୍ରିଲୋଚନ ମାଝି, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର



ଭଦ୍ରକ ସାବରଙ୍ଗ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ତ୍ରିଲୋଚନ ମାଝି, ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ସହ ବିଧାୟକ ଓ ଅନ୍ୟମାନେ।

ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଚାନ୍ଦବାଲି ବିଧାୟକ ଡା. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ଭଦ୍ରକ ବିଡିଓ ମନୋଜ ବେହେରା, ବାସୁଦେବପୁର ବିଡିଓ ସତ୍ୟଜିତ ରାଉତ, ଚାନ୍ଦବାଲି ବିଡିଓ ଜ୍ୟୋତିପ୍ରକାଶ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ରାୟ ୫-ଟି ହାଇସ୍କୁଲ ରୂପାନ୍ତରଣ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସରେ ସାବରଙ୍ଗ ହାଇସ୍କୁଲର ଛାତ୍ରୀ ଉତ୍ପଳିକା ପଲେଇଙ୍କ ସହ କଥା ହୋଇ ବିଦ୍ୟାଳୟର ସୁବିଧା ସୁଯୋଗ ବିଷୟରେ ପଚାରି ବୁଝିଥିଲେ। ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଳିକ, ସାବରଙ୍ଗ ସରପଞ୍ଚ ରଞ୍ଜିତା ନାୟକ, ପ୍ରଧାନଶିକ୍ଷୟିତ୍ରୀ ଅବନ୍ତୀ ପୁହାଣ, ଜିଲା ପରିଷଦ ସଭ୍ୟା ସୁକାନ୍ତି ନାୟକଙ୍କ ସହ ଲୋକପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଏସ୍‌ପି ଯତୀନ ପଣ୍ଡା, ଏସ୍‌ଡିପିଓ ସାର୍ଥକ ରାୟ, ସାବରଙ୍ଗ ଥାନାଧିକାରୀ ମନୋରମା ବାରିକ ପ୍ରମୁଖ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ।

## ଘରୁ ସୁନାଗହଣା ଚୋରି

ବାସୁଦେବପୁର, ୧୪।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ପଞ୍ଚୁରିଖି ଗ୍ରାମର ଶିବପ୍ରସାଦ ବାରିକଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ଶିବଙ୍କ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି କରି ନେଇଛନ୍ତି। ସୁନା ଓ ରୁପା ଅଳଙ୍କାର ଥିବା ବାକ୍ସକୁ ଚୋରମାନେ ଘରୁ ଉଠାଇ ନେଇ ନିକଟସ୍ଥ ଏକ ବାଡ଼ି ନିକଟରେ ଭାଙ୍ଗି ସେଥିରେ ଥିବା ଲକ୍ଷାଧିକ ଟଙ୍କାର ଗହଣା ନେଇଯାଇଛନ୍ତି। ଶିବପ୍ରସାଦଙ୍କ ପୁଅ ଅଭିମନ୍ୟୁଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଚୋରି ସାମଗ୍ରୀ ଠାବ କରିପାରି ନାହିଁ। ତେବେ ଏହି ଚୋରିରେ ସ୍ଥାନୀୟ କେହି ବ୍ୟକ୍ତିଙ୍କର ସମ୍ପୃକ୍ତି ଥିବା ନେଇ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ମାଳଦା ବଜାରରୁ ଚୋରି

ଭଣ୍ଡାରିପୋଖରୀ, ୧୪।୧୧(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ବଜାରର ବିଭିନ୍ନ ଦୋକାନରୁ ଶନିବାର ରାତିରେ ଚୋରି ହୋଇଛି। ରାଜେନ୍ଦ୍ର ଶତପଥୀଙ୍କ ଲୁଗା ଦୋକାନରୁ ନଗଦ ଟଙ୍କା ସମେତ ଲୁଗା ଏବଂ ଏକ ବାକ୍ସରେ ଥିବା ପ୍ରାୟ ୬୫ ହଜାର ବଜାର କମିଟି ଟଙ୍କା, ନିରାକାର ବେହୁରିଆଙ୍କ ଜୋତା ଦୋକାନରୁ ୧୫ହଜାର, ଲଳିତ ନାୟକଙ୍କ ମୋବାଇଲ ଦୋକାନରୁ ୩୩ହଜାର ଟଙ୍କା ସମେତ ୧୦ଟି ସ୍ମାର୍ଟ ଫୋନ ଓ କିଛି ପୁରୁଣା ମୋବାଇଲ ସାମଗ୍ରୀ ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ଏକ ଷ୍ଟେଶନେରି ଦୋକାନ ଚାଳ ଓଲାରି ଭିତରକୁ ଯିବା ପାଇଁ ଉଦ୍ୟମ କରିଥିବା ବେଳେ ସିଲିଂ ଥିବାରୁ ଚୋରି କରି ପାରିନାହାନ୍ତି। ସେହିପରି ବଜାରରେ ଖୋଲିଥିବା ଷ୍ଟେଟବ୍ୟାଙ୍କ ଗ୍ରାହକ ସେବାକେନ୍ଦ୍ରରୁ ଲାପ୍‌ଟପ୍, କ୍ୟାମେରା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ସ୍ଥାନୀୟ ପୋଲିସ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଆରମ୍ଭ କରିଛି।

## ମେଗା ଆଇନ ସେବା ଶିବିର

ବାରିପଦା ଅଫିସ,୧୪।୧୧

ଜାତୀୟ ଓ ରାଜ୍ୟ ଆଇନ ସେବା ପ୍ରାଧୀକରଣ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ମେଗା ଆଇନ ସେବା ସଚେତନତା ଶିବିର ଶହୀଦ୍ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଦୌରାଜଜ୍ ପ୍ରଦୀପ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣବ କୁମାର ପାତ୍ର, ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ଜଜ୍ ଚୌଧୁରୀ ପ୍ରବୀର କୁମାର, ଜଜ୍ ମହେନ୍ଦ୍ର କୁମାର ସୁତ୍ରଧର ପ୍ରମୁଖ ଯୋଗ ଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଶିବିରରେ ବିଶେଷ କରି ବିପିଏଲ୍ ପରିବାର, ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ହିତାଧିକାରୀମାନଙ୍କୁ ବିଭିନ୍ନ ପ୍ରକାର ଯୋଜନାରେ ୩୦୦ରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ଓ ଉପକରଣ ବଣ୍ଟନ କରାଯାଇଛି । ଶିବିରର କାର୍ଯ୍ୟକ୍ରମକୁ ସିଭିଲ୍ ଜଜ୍ (ପ୍ରବେସନ୍) ମୟୂରଭଞ୍ଜ ମନ୍ଦିରା ମହାନ୍ତ ସଂଯୋଜନା କରି ପରିଚାଳନା କରିଥିଲେ।

## ଟଳିଲା ବିଦ୍ୟୁତ୍ ବିପଦ

ଯୋଡ଼ା,୧୪।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରର ଧରଣୀଧର ଛକ ନିକଟରେ ରବିବାର ହଠାତ୍ ଧରଣୀଧର ଛକ ନିକଟସ୍ଥ ଅଞ୍ଚଳରେ ବିଦ୍ୟୁତ କରେଣ୍ଟ ଚାର୍ଜ ହୋଇଯାଇଥିଲା। ଫଳରେ ଦୋକାନ ,ସଟର ପ୍ରଭୃତିର ସଂସ୍ପର୍ଶରେ ଆସିବାରୁ ଅଞ୍ଚଳ କରେଣ୍ଟ ହୋଇଯାଇଥିଲା। ଏହି ବିଦ୍ୟୁତ ସଂସ୍ପର୍ଶରେ ଆସି ଏକ ଷଣ୍ଢର ମୃତ୍ୟୁ ଘଟିଛି। ମାତା ଜୟସ୍ୱାଲ ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୋକାନୀମାନେ ଏ ବାବଦରେ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଫୋନ କରିଥିଲେ ହେଁ କେହି ଶୁଣି ନ ଥିଲେ। ତେଣେ ଲଗାଣ ବର୍ଷା ଫଳରେ ଏହି ବିଦ୍ୟୁତ ତ୍ରୁଟି ଘଟିଥିବା ବିଭାଗୀୟ ଅଧିକାରୀଙ୍କ ଠାରୁ ଜଣାପଡିଛି। ଏକ ବଡ଼ ଧରଣର ଦୁର୍ଘଟଣାରୁ ଲୋକେ ବର୍ତ୍ତିଗଲେ ବୋଲି ସ୍ଥାନୀୟ ଗ୍ୟାରେଜ ମାଲିକ ମୁନା ପହି କହିଛନ୍ତି।

ଧରିତ୍ରୀ
DHARITRI
ସୋମବାର, ୧୫ ନଭେମ୍ବର ୨୦୨୧

**ବ୍ୟାପୁଛି ଫାଟୁଆ ରୋଗ**

ସୋର,(ଡି.ଏନ୍.ଏ): ବାଲେଶ୍ୱର ଜିଲା ସୋର ଅଞ୍ଚଳରେ ଗୋରୁଙ୍କୁ ଫାଟୁଆ ରୋଗ ବ୍ୟାପିବାରେ ଲାଗିଛି। ବହୁ ଗୋରୁ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଥିବା ବେଳେ ପ୍ରାଣୀ ଚିକିତ୍ସାଳୟରେ ପ୍ରତିଷେଧକ ଟିକା ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରୋଗ ହେବା ଦ୍ୱାରା ଗୋରୁଙ୍କ ଖୁରାରେ ପୂଜ ଜମିବା ସହିତ ପୋକ ସାଲୁବାଲୁ ହେବାରୁ ଚାଲିବାକୁ ସକ୍ଷମ ହୋଇପାରନ୍ତି ନାହିଁ। କିଛିଦିନ ପରେ ଏହି ରୋଗଜନିତ ଗୋରୁଙ୍କର ମୃତ୍ୟୁ ଘଟୁଥିବା ଦେଖିବାକୁ ମିଳୁଛି। ତୁରନ୍ତ ପ୍ରତିଷେଧକ ଟିକା ଯୋଗାଇ ଦେବାକୁ ଗୋପାଳକମାନେ ଦାବି କରିଛନ୍ତି।



## ସଂକ୍ଷେପରେ

### ୪ ମନ୍ଦିର, ଡାକଘରୁ ଚୋରି

ବାହାନଗା,୧୪।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଚଳରେ ଥିବା ୪ଟି ମନ୍ଦିର ଓ ଚକଜଗନ୍ନାଥପୁର ପୋଷ୍ଟ ଅଫିସରୁ ଶନିବାର ରାତିରେ ଚୋରି ହୋଇଥିବା ଖନ୍ତାପଡ଼ା ଥାନାରେ ଅଭିଯୋଗ ହୋଇଛି। ଚକଜଗନ୍ନାଥପୁର ଗ୍ରାମର ବ୍ରହ୍ମଚଣ୍ଡି ମନ୍ଦିର, ହନୁମାନ ମନ୍ଦିର, ବାସୁବରହ୍ମପୁର ତ୍ରିନାଥ ମନ୍ଦିର, ଗାଞ୍ଜିଆ ଗ୍ରାମରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିରରୁ ଠାକୁରଙ୍କ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ହୁଣ୍ଡି ବାକ୍ସ ଭାଙ୍ଗି ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ପୋଷ୍ଟ ଅଫିସର ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଓ ଟେବୁଲ୍ ଡ୍ରରେ ଥିବା କିଛି ଟଙ୍କା ଦୁର୍ବୃତ୍ତ ମାନେ ନେଇଯାଇଛନ୍ତି। ଅଭିଯୋଗ ପାଇ ଖନ୍ତାପଡ଼ା ଥାନା ପୋଲିସ୍ ତଦନ୍ତ ଜାରି ରଖିଥିବା ବେଳେ ଚୋରି ସାମଗ୍ରୀ ଜବତ ହୋଇ ପାରି ନାହିଁ।

### ଭାଜପାର ବର୍ଦ୍ଧିତ କାର୍ଯ୍ୟକାରିଣୀ

ରସାଲପୁର,୧୪।୧୧(ଡି.ଏନ.ଏ.)- ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀ ସଦର ବ୍ଲକ ଅନ୍ତର୍ଗତ ୧୧ଟି ପଞ୍ଚାୟତ ମଧ୍ୟରୁ ୮ଟି ପଞ୍ଚାୟତର ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ପଦ୍ମପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ମଣିନାଗେଶ୍ୱର ମଣ୍ଡଳ ସଭାପତି ଭୋଲାନାଥ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ୨୭ନଂ. ଜୋନ ଜିଲା ପରିଷଦ ସଦସ୍ୟ ସୁଧାଂଶୁ ଶେଖର ପଣ୍ଡା, ଜିଲା ମହିଳା ମୋର୍ଚ୍ଚା ସଭାପତି ଶୋଭନା ମହାନ୍ତି, ମଣ୍ଡଳର କାର୍ଯ୍ୟକାରିଣୀ ସଭାପତି ପିଙ୍କି ପ୍ରଧାନ, ଏମ୍‌ପି ପ୍ରତିନିଧି ସୁଶାନ୍ତ ବେହେରା, ଯୁବମୋର୍ଚ୍ଚା ଉପସଭାପତି ସୁବୋଧ ପଣ୍ଡା, ପର୍ଶୁରାମ ବେହେରା ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗେଙ୍ଗୁଟି ପଞ୍ଚାୟତର ସରପଞ୍ଚ ବିରୂପାକ୍ଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବସନ୍ତପୁର ୱାର୍ଡ଼ମେମ୍ବରଙ୍କ ସ୍ୱାମୀ ଅଚ୍ୟୁତ ମହାନ୍ତି ବିଧିବଦ୍ଧ ଭାବେ ଦଳରେ ସାମିଲ୍ ହୋଇଥିଲେ।

### ଭଦ୍ରକ ଚାମ୍ପିୟନ

ସୋର,୧୪।୧୧(ଡି.ଏନ.ଏ): ବାଲେଶ୍ୱର ଜିଲା ସୋର ବ୍ଲକ ଆଟପୁରଠାରେ ମା'ତାରିଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭଦ୍ରକ ଦଳ ଔପଦାର ପଥରପଦା ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ୟୁକୋବ୍ୟାଙ୍କର ପୂର୍ବତନ ପ୍ରବନ୍ଧକ ଖଗେନ୍ଦ୍ରନାଥ ମହାନ୍ତି ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ରେଫେରି ଭାବେ ଜିତେନ୍ଦ୍ର ନାଥ ଖେଳ ପରିଚାଳନା କରିଥିବା ବେଳେ ମୁକ୍ତିକାନ୍ତ ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଅମରେନ୍ଦ୍ର ମହାନ୍ତି, କମଳାକାନ୍ତ ଜେନା, ସୁମନ ଜେନା, ପ୍ରମୋଦ ମହାନ୍ତି, ଅମ୍ଳାନ ମହାନ୍ତି, ରାଜକିଶୋର ମାରାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

### ଏବିଭିପିର ନଗର ସମ୍ମିଳନୀ

ବାଲିଆପାଳ,୧୪।୧୧(ସ୍ୱ.ପ୍ର)- ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ପୂର୍ବାହ୍ନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବାଲିଆପାଳ ଶାଖାର ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର ମଣ୍ଡଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ତଥା ଜିଲା ସଂଯୋଜକ ପ୍ରଦୀପ ମଣ୍ଡଳ, ଦେବାନନ୍ଦ ପିଲା, ବାଲିଆପାଳ ବ୍ଲକ ସଂଯୋଜକ ଗୌରାଙ୍ଗ ମଙ୍ଗରାଜ ଯୋଗ ଦେଇଥିବା ବେଳେ ସମ୍ପାଦକ ଚନ୍ଦନ ଜେନା ମଞ୍ଚ ପରିଚାଳନା କରିଥିଲେ। ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ନୂତନ ନଗର ସଭାପତି ରବୀନ୍ଦ୍ର ମଣ୍ଡଳ ଓ ସମ୍ପାଦକ ଭାବେ ନିହାର ରଞ୍ଜନ ଜେନାଙ୍କୁ ମନୋନୀତ କରାଯାଇଥିଲା।

### ୧୧ପ୍ରକଳ୍ପର ଶୁଭ ଦେଲେ ବିଧାୟକ

ରେମୁଣା,୧୪।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖରିଦମୁଖୁରା ପଞ୍ଚାୟତର ବାସୁଖୁଣ୍ଟା ଓ ବିମ୍ବୁରିଆ ଗ୍ରାମରେ ବିଭିନ୍ନ ରାସ୍ତା ଓ ଗୃହ ନିର୍ମାଣ ପାଇଁ ୨୧ ଲକ୍ଷ ୧୦ ହଜାର ଟଙ୍କାର ମୋଟ ୧୧ଟି ପ୍ରକଳ୍ପକୁ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ରବିବାର ଶୁଭ ଦେଇଥିଲେ। ବିଜେଡି ଜିଲା ସମ୍ପାଦକ ପ୍ରଭାତ କୁମାର ବିଶ୍ୱାଳ, ସରପଞ୍ଚ ରତ୍ନମଣି ମହାଳିକ, ସମିତି ସଭ୍ୟ ରୂପେଶ ଜେନା, ୱାର୍ଡ଼ ସଭ୍ୟ ଆଲୋକ ମହଳିକ, ଟୁନା ମହାପାତ୍ର, ଧୀର ଭୋଳ, ଲିଲି ସିଂ ପ୍ରମୁଖ ଉପସ୍ଥିତ ଥିଲେ। ରହଣିଆ ପ୍ରିମିୟର ଲିଗ୍‌କୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଶିବଶଙ୍କର ପରିଡ଼ା, ପ୍ରଦୀପ ବିଶ୍ୱାଳ,ଲିଙ୍ଗରାଜ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ। ଉମାକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ହରିପୁର ପଞ୍ଚାୟତର ବଡ଼ନୂଆପୁରଠାରେ ଏକ ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ମଧ ସ୍ଥାପନ କରିଥିଲେ। ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ରାଉତ, ଯୁବ ସଭାପତି ହିମାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୨୬ ବର୍ଷ ପରେ ଘରକୁ ଫେରିଲେ ସନିଆ

ସୋର,୧୪।୧୧(ଡି.ଏନ.ଏ)

୧୯୯୫ରୁ ନିଖୋଜ ଥିବା ବାଲେଶ୍ୱର ଜିଲା ସୋର ବ୍ଲକ ସାଧୁଆପଡା ଗ୍ରାମର ସତ୍ୟାନନ୍ଦ ନାୟକଙ୍କ ପୁଅ ସନିଆ ୨୬ ବର୍ଷ ପରେ ରବିବାର ଘରକୁ ଫେରିଛନ୍ତି। ଏନେଇ ତାଙ୍କ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ସତ୍ୟାନନ୍ଦଙ୍କ ୫ ପ୍ରାଣୀ ସୁଖର ସଂସାରରେ ଥିଲେ ଦୁଇ ପୁଅ ସହ ଝିଅଟିଏ। ବଡ଼ ପୁଅ ଅରବିନ୍ଦଙ୍କୁ ଶ୍ରଦ୍ଧାରେ ମା' ବାପା ଡାକୁଥିଲେ ସନିଆ। ୧୦ ବର୍ଷ ବୟସର ହୋଇଥିବା ବେଳେ ଦାଣ୍ଡ ଅଗଣାରେ ସାଙ୍ଗ ସାଥୀ ମେଳରେ ଖେଳୁଥିବା ସନିଆ ହଠାତ୍ ନିଖୋଜ ହୋଇଯାଇଥିଲେ। ଚାରିଆଡ଼େ ଖୋଜାଖୋଜି ପରେ ତାଙ୍କୁ ନ ପାଇ ଦୁଃଖରେ ଭାଙ୍ଗି ପଡ଼ିଥିଲେ ପରିବାର ଲୋକେ। ପୁଅର ଫେରିବା ବାଟକୁ ଚାହିଁ ଚାହିଁ ସେବେଠାରୁ ମା' ବାସନ୍ତୀଙ୍କ ଆଖିରୁ ଲୁହ ଶୁଖି ନ ଥିଲା। ରବିବାର ସକାଳେ ସନିଆଙ୍କୁ ସୋର ଷ୍ଟେଶନରେ ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସମ୍ପର୍କୀୟ ଲୋକେ ସନିଆଙ୍କୁ ଘରକୁ ନେବା ପରେ ସେ ମା' କୋଳରେ ମଥା ରଖି ବହେ କାନ୍ଦିଥିଲେ। ସାଙ୍ଗସାଥୀଙ୍କୁ ଚିହ୍ନିବା ସହ ବାଲ୍ୟ ବନ୍ଧୁଙ୍କ ନାମ ଧରି ଡାକିଥିଲେ। ପିଲା ବେଳର ସ୍ମୃତି ବଖାଣିଥିଲେ। ନିଖୋଜ ହେବା ସମ୍ପର୍କରେ ସନିଆ କୁହନ୍ତି, ଭୁଲରେ ସୋର ଷ୍ଟେଶନରୁ ଟ୍ରେନ୍‌ରେ ଉଠିଯିବା ପରେ ପ୍ରଥମେ କୋଲକାତା ପଳାଇଯାଇଥିଲେ। ସେଠାରୁ ଗୁଜରାଟ, ପଞ୍ଜାବ ପରେ ଏବେ ଦିଲ୍ଲୀରେ ରହି ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଜନ୍ମମାଟିର ମୋହ ତାଙ୍କୁ ଘର ଓ ପରିବାର ଲୋକଙ୍କ ପାଖକୁ ଟାଣି ଆଣିଥିବା ସେ କହିଛନ୍ତି।


ପରିବାର ଲୋକଙ୍କ ଗହଣରେ ସନିଆ।

# 'ସତ୍‌ସଙ୍ଗ, ହରିନାମ ହିଁ ଜୀବନର ଶ୍ରେଷ୍ଠମାର୍ଗ'

## ଭାଗବତ କଥାମୃତ ପ୍ରବଚନ ସଭା

ରୂପ୍‌ସା,୧୪।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ନୀଳବାଡ଼ି ସତ୍‌ସଙ୍ଗ କମିଟି ଆନୁକୂଲ୍ୟରେ ଆୟୋଜିତ ୧୨ତମ ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ସଭାରେ କୁରୁଠିଆ ଆଶ୍ରମର ସାଧୁ ରାଇଚରଣ ଦାସ ମହାରାଜ, ପୁରୀର ଶ୍ୟାମସୁନ୍ଦର ଦାସ ମହାରାଜ ଓ ନୟନାନନ୍ଦ ସରସ୍ୱତୀ ମହାରାଜ ପ୍ରମୁଖ ଯୋଗଦେଇ ମାୟାମୋହ ଭରା ସଂସାରରେ କେବଳ ସତ୍‌ସଙ୍ଗ ଓ ହରିନାମ ହିଁ ଜୀବନର ଶ୍ରେଷ୍ଠମାର୍ଗ ବୋଲି ମତବ୍ୟକ୍ତ କରିଥିଲେ। ଶୀତଳାମଣ୍ଡପଠାରେ ୩ ଦିନ ଧରି ଆୟୋଜିତ ଏହି ଧାର୍ମିକ କାର୍ଯ୍ୟକ୍ରମର ପ୍ରତି ସନ୍ଧ୍ୟାରେ ଭଜନ, କୀର୍ତ୍ତନ ପରିବେଷଣ ହୋଇଥିଲା। କମିଟି କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ଗିରି, ମହେନ୍ଦ୍ର ଗିରି, ହରିଶଙ୍କର ଦାସ, ରବୀନ୍ଦ୍ର ଦାସ, ପଞ୍ଚାନନ ଦାସ, ସନାତନ ଦାସ ଓ ଝାଡ଼େଶ୍ୱର ଦେଙ୍କ ସମେତ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପବିତ୍ର କାର୍ତ୍ତିକ ବ୍ରତ ଅବସରରେ ଆଖପାଖ ଅଞ୍ଚଳରୁ ବହୁ ଭକ୍ତ କୋଭିଡ୍ ଗାଇଡ଼ଲାଇନ୍ ଅନୁଯାୟୀ ସଭାରେ ଉପସ୍ଥିତ ରହି ହରିକଥା ଶ୍ରବଣ କରିଥିଲେ।

# ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଜଳେଶ୍ୱର,୧୪।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆଡ ଦୀନକୃଷ୍ଣ ଯୁବ କ୍ରୀଡ଼ାଙ୍ଗନ ପଡ଼ିଆରେ ଶଚିନ୍ଦ୍ରନାଥ କ୍ରୀଡ଼ା ପରିଷଦ ପକ୍ଷରୁ ଆୟୋଜିତ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଲେଶ୍ୱର, ମୟୂରଭଞ୍ଜ, ପଶ୍ଚିମବଙ୍ଗର ପଶ୍ଚିମ ଓ ପୂର୍ବ ମେଦିନୀପୁର, ଝାଡ଼ଗ୍ରାମ ଓ ଝାଡ଼ଖଣ୍ଡ ରାଜ୍ୟରୁ ପ୍ରତିଯୋଗୀ ଦଳମାନେ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ଅସନଶୋଳିଆ ଫୁଟବଲ ଟିମ୍‌କୁ ହରାଇ ହାତୀଗଡ଼ ଏକାଦଶ ଚାମ୍ପିୟନ ହୋଇଥିଲା। ବିଧାୟକ ଅଶ୍ୱିନୀ କୁମାର ପାତ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଗତ ଶନିବାର ଉଦ୍‌ଯାପନୀ ଉତ୍ସବରେ ଶତ୍ରୁଘ୍ନ ପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର, ମୁଖ୍ୟବକ୍ତା ସୋର ବିଇଓ ସୁଧାଂଶୁ ଶେଖର ଜେନା, ସମ୍ମାନୀତ ଅତିଥିଭାବେ ବିଧାୟକ ପାତ୍ର, ବିଆର୍‌ସିସି ଲଲାଟେନ୍ଦୁ ଜେନା, ଜଳେଶ୍ୱର ବିଇଓ ଭଗୀରଥ ଗିରି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଣବ କୁମାର ପାତ୍ର, ରାମେଶ୍ୱର ପାତ୍ର, ଶିବଶଙ୍କର ସାହୁ, ଶଙ୍କର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# କଂଗ୍ରେସର ଜନଜାଗରଣ ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ କାର୍ଯ୍ୟକର୍ତ୍ତା ଓ କର୍ମୀ।

ସଜନାଗଡ଼,୧୪।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଏକ ସଭା ଓ ଜନଜାଗରଣ ପଦଯାତ୍ରା ନୀଳଗିରି ବ୍ଲକ ଅନ୍ତର୍ଗତ ଅଯୋଧ୍ୟା ହାଇସ୍କୁଲ ନିକଟସ୍ଥ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୭ଶହରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କୁ ନେଇ ଏକ ପଦଯାତ୍ରା ଗାଁ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ। ପଦଯାତ୍ରାରେ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ରାଜ୍ୟ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ, ସଭାନେତ୍ରୀ ମମତା କୁଣ୍ଡୁ, ପୂର୍ବତନ ବିଧାୟକ ଚିତ୍ତ ରଞ୍ଜନ ଷଡ଼ଙ୍ଗୀ, ଅକ୍ଷୟ ଆଚାର୍ଯ୍ୟ, ସଭାନେତ୍ରୀ ମନୋଜା ମଞ୍ଜରୀ ଦେବୀ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ବ୍ଲକ ସଭାପତି ମନୋରଞ୍ଜନ ପଣ୍ଡା, ଏନ୍‌ଏସି ସଭାପତି ଉପେନ୍ଦ୍ର ବେହେରା, ଯୁବ ନେତା ବ୍ରଜ କିଶୋର ରାଜ, ଯଶୋଦା ନନ୍ଦନ ସିଂ ପ୍ରମୁଖ ନେତା ଯୋଗ ଦେଇଥିଲେ।

# ଭାଜପାର କର୍ମୀ ସମ୍ମିଳନୀ

ଲଙ୍ଗଳେଶ୍ୱର,୧୪।୧୧(ଡି.ଏନ.ଏ.)

ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତ ଅନ୍ତର୍ଗତ ବାଲିକୁଟୀ ଗ୍ରାମର ନରୋତ୍ତମ ଗିରୀଙ୍କ ବାସଭବନରେ ଭାଜପାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ମହେଶ୍ୱର ଜେନା, ରାଜ୍ୟ ଓବିସି ମୋର୍ଚ୍ଚା ଉପ ସଭାପତି ଶିବ ଶଙ୍କର ପ୍ରଧାନ, ଓବିସି ମୋର୍ଚ୍ଚା ଜିଲା ସଭାପତି ଅରବିନ୍ଦ ବେହେରା, ଖପରାପଦା ମଣ୍ଡଳ ପ୍ରଭାରୀ ଆଦ୍ୱୈତ ବାଗ, ଜିଲା କମିଟି ସଦସ୍ୟ ସୁବାସ ବେହେରା ଓ ଗୌରବ ଅଣ୍ଡିଆ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ବୈଠକକୁ ବାଲିକୁଠି ପଞ୍ଚାୟତର କର୍ମକର୍ତ୍ତା ମୃତ୍ୟୁଞ୍ଜୟ ନାୟକ, ଅଜୟ କୁମାର ଜେନା, ନରୋତ୍ତମ ଗିରି, ପ୍ରଭୁରାମ ରାଉତ, ଦିବାକର ଦଳାଇ, ରଜନୀକାନ୍ତ ବାରିକ, ଦୀପକ ପ୍ରଧାନ, ଝଡ଼େଶ୍ୱର ପାଲ, ଚିନ୍ତାମଣି ଦାସ, ପଦ୍ମଲୋଚନ ରାଉତଙ୍କ ସମେତ ବହୁ କର୍ମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅନ୍ୟ ଦଳର କେତେକ କର୍ମୀ ଭାଜପାରେ ଯୋଗ ଦେଇଥିଲେ।

# 'ମହିଳାଙ୍କ ଦ୍ୱାରା ଓଡ଼ିଶାର ବିକାଶ ସମ୍ଭବ'

## ମହିଳା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ


କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥିମାନେ।

ଜଳେଶ୍ୱର,୧୪।୧୧(ଡି.ଏନ.ଏ)

ବାଲେଶ୍ୱର ଜିଲା ଜଳେଶ୍ୱରର ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ମହିଳା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ବ୍ଲକ ସଭାନେତ୍ରୀ ସଞ୍ଜିତା ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସୁବାଶିନୀ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳାମାନଙ୍କ ଓଡ଼ିଶାର ବିକାଶ ସମ୍ଭବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅଶ୍ୱିନୀ ପାତ୍ର, ଜିଲା ପର୍ଯ୍ୟବେକ୍ଷକ ଝାରସୁଗୁଡ଼ାର ନେତ୍ରୀ ସୁଜାତା ଦିଗଲ, ଜିଲା ମହିଳା ସମ୍ପାଦିକା ବିନ୍ଦୁଲତା ନନ୍ଦି, ଟାଉନ୍ ମହିଳା ସଭାପତି ଗୀତାଞ୍ଜଳି ସାମନ୍ତ, ଆରତୀ ଦାସ, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅର୍ଚ୍ଚନା ଗିରି, ସଞ୍ଜୁରାଣୀ ଦାସ, ସତ୍ୟବତୀ ଗିରି, ପ୍ରଜ୍ଞା ସାମଲଙ୍କ ସମେତ ପ୍ରତ୍ୟେକ ୱାର୍ଡର ମହିଳା ସଭାପତି ଓ ସମ୍ପାଦିକାମାନେ ପରିଚାଳନାରେ ସହାୟତା କରିଥିଲେ।

# ୨୬୫ ୟୁନିଟ୍ ରକ୍ତ ସଂଗ୍ରହ

ଭୋଗରାଇ,୧୪।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଜଳସୋହରିଆ ପାନ ମାର୍କେଟ୍ ସ୍ଥିତ ବୀରକୁଳ ସେବା ସଦନରେ ରବିବାର ଓଡ଼ିଶା ନିର୍ମାଣ ସଂଘ (ସିଟୁ) ପକ୍ଷରୁ ସ୍ୱର୍ଗତ କାନାଇଁ ଚରଣ ମାଇତିଙ୍କ ସ୍ମୃତିରେ ଏକ ମେଗା ରକ୍ତଦାନ ଶିବିର କରାଯାଇଥିଲା। ମୁଖ୍ୟଅତିଥି ଭୋଗରାଇ ବିଡିଓ ଶଙ୍କର ପଟ୍ଟନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ୟଙ୍ଗକବି ଡ. ଶ୍ରୀକୁମାର ଘୋଷଙ୍କ ପୌରହିତ୍ୟରେ ସମ୍ମାନୀତ ଅତିଥି ଭାବେ ଡା. ଉତ୍ତର କୁମାର ଦଣ୍ଡପାଟ, ସାମାଜିକକର୍ମୀ କମଳ ଚକ୍ରବର୍ତ୍ତୀ, ଅଧୀର ଗିରି ଗୋସ୍ୱାମୀ, ସେବା ସଦନ ସମ୍ପାଦକ ଗୋପାଳଚନ୍ଦ୍ର ସାହୁ, ସହ ସମ୍ପାଦକ ବ୍ରଜଗୋପାଳ ଦାସ, ନିର୍ମାଣ ଶ୍ରମିକ ସଂଘର ସଦସ୍ୟ ଜଗନ୍ନାଥ ମାଇତି ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସେବା ସଦନର ପରିଚାଳକ ଡା. ଜେ.କେ. ମହାନ୍ତିଙ୍କ ସହ ଜିଲା ସରକାରୀ ରକ୍ତଭଣ୍ଡାର ମିଳିତ ସହଯୋଗରେ ୨୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ବିର୍ଲା ଟାୟାର୍ସକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର ଅଫିସ,୧୪।୧୧

ବାଲେଶ୍ୱର ଷ୍ଟେଶନ ଛକ ସ୍ଥିତ ହିନ୍ଦ ମଜଦୁର ସଭା କାର୍ଯ୍ୟାଳୟଠାରେ ବିର୍ଲା ଟାୟାର୍ସ କାରଖାନାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ପାଇଁ ଅରୁଣ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ ତାରିଖରେ ସମସ୍ତ ବର୍ଗର ଶ୍ରମିକମାନଙ୍କୁ ନେଇ ଏକ ସମ୍ମିଳନୀ ଆୟୋଜିତ ହେବ। ଏଥିରେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ବିଧାୟକ ଅନନ୍ତ ଦାସ, ବିଧାୟକ ସ୍ୱରୂପ କୁମାର ଦାସ, ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଏଣୁ ବିରଳା ଟାୟାର୍ସକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ବର୍ଗର ଶ୍ରମିକ ସାଥୀମାନଙ୍କୁ ଉକ୍ତ ସଭାରେ ଯୋଗଦାନ କରିବା ପାଇଁ ସ୍ୱାଇଁ ଏକ ପ୍ରେସ୍ ବିବୃତ୍ତିରେ ନିବେଦନ କରିଛନ୍ତି।

# ଚିତ୍ରାଙ୍କନ ପ୍ରତିଯୋଗିତା

## ଓମ୍ ପ୍ରଭା ପ୍ରଥମ, ସୁକେଶିନୀ ଦ୍ୱିତୀୟ ଓ ଜ୍ୟୋତିର୍ମୟୀ ତୃତୀୟ


ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ବାଲେଶ୍ୱର ଅଫିସ,୧୪।୧୧

ବାଲେଶ୍ୱର ସିଭିଲ କୋର୍ଟ ପରିସରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ 'ପରିବାର' ବିଷୟ ବସ୍ତୁକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ପରିବାର ଅଦାଲତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଶିଶୁଦିବସ ଅବସରରେ ସଦର ମହକୁମା ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ୩୩ଜଣ ସପ୍ତମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।
ସେଥିରେ ସେଣ୍ଟ ଥୋମାସ କନଭେଣ୍ଟ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ କୁମାରୀ ଓମ୍ ପ୍ରଭା କରଣ ପ୍ରଥମ ସ୍ଥାନ, ବାଲେଶ୍ୱର ଟାଉନ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ ବିନ୍ଧୁ ସୁକେଶିନୀ ଦାସ ଦ୍ୱିତୀୟ ଓ ରେମୁଣା ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ରୀ ଜ୍ୟୋତିର୍ମୟୀ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ପ୍ରତିଯୋଗୀମାନଙ୍କୁ ମଧ୍ୟ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆ ଯାଇଥିଲା। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ବିଶିଷ୍ଟ ଚିତ୍ର ଶିଳ୍ପୀ କେଶୁ ଦାସ, ବାଲେଶ୍ୱର କଳା ମହାବିଦ୍ୟାଳୟର ଅଧ୍ୟାପକ ଅଜିତ କୁମାର ଜେନା ଓ ସୁଧାଂଶୁ ଶେଖର ଜେନା ଦାୟିତ୍ୱ ତୁଲାଇ ଥିଲେ। ଜିଲା ଓ ଦୌରା ଜଜ, ପରିବାର ଅଦାଲତ ଜଜ, ଏବଂ ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ଉପକରଣ ପାଇଁ ଚିହ୍ନଟ ହେଲେ ୫୭୦


ବିଡିଓଙ୍କ ଉପସ୍ଥିତିରେ ବ୍ଲକ ଅଧକ୍ଷା ଶିବିର ଉଦ୍‌ଘାଟନ କରୁଛନ୍ତି।

ଖଇରା,୧୪।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଉପକରଣ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାମାଜିକ ସୁରକ୍ଷା ବିଭାଗ ତଥା ଓଲଟପୁର ଜାତୀୟ ଥଇଥାନ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରକୁ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ଉଦ୍‌ଘାଟନ କରିଥିବା ବେଳେ ବିଡିଓ ପର୍ଶୁରାମ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚକ୍ଷୁ, କର୍ଣ୍ଣନାଶାଗଳା,ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ଦ୍ୱାରା ମୋଟ ୫୭୦ଜଣ ଭିନ୍ନକ୍ଷମ ବିଭିନ୍ନ ଉପକରଣ ପାଇଁ ଚିହ୍ନଟ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ବ୍ଲକକୁ ଡକାଯାଇ ଉପକରଣ ପ୍ରଦାନ କରାଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରିଣୀ ସାଲିମା ରାଉତ କହିଛନ୍ତି। ଶିବିର ପରିଚାଳନାରେ ଗଗନ କୁମାର ଜେନା,ସଙ୍ଗୀତା ମୁଦୁଲିଙ୍କ ସମେତ ଜନହିତ ଯୁବକ ସଂଘର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।
ତେବେ ବ୍ଲକ ପରିସରରେ ଏହିଭଳି ଶିବିର ଆୟୋଜନ ପାଇଁ ଅକ୍ଟୋବର ୨୬ରୁ ବ୍ଲକକୁ ଚିଠି କରାଯାଇଥିବା ବେଳେ ମାତ୍ର ଆୟୋଜନର ୨ଦିନ ପୂର୍ବରୁ ମାଇକ ପ୍ରଚାର ଓ ବିଭିନ୍ନ ଲୋକପ୍ରତିନିଧିଙ୍କୁ ଚିଠି କରାଯିବାକୁ ନେଇ ବହୁ ଲୋକପ୍ରତନିଧି ଅସନ୍ତୋଷ ପ୍ରକାଶ କରିଛନ୍ତି। ଉପକରଣ ଅପେକ୍ଷାରେ ଥିବା ବହୁ ଦିବ୍ୟାଙ୍ଗଙ୍କୁ ଖବର ଦିଆଯାଇ ପାରିନାହିଁ ବୋଲି ନନ୍ଦୁର ସରପଞ୍ଚ ସୁରେନ୍ଦ୍ର ପ୍ରସାଦ ନାୟକ ଅଭିଯୋଗ କରିଛନ୍ତି।

# ସିଭିଲ୍ ସୋସାଇଟିର ଗଣଧାରଣା ଚେତାବନୀ

## ଉଡ଼ନ୍ତା ପୋଲ ମରାମତି ଦାବି

ବାଲେଶ୍ୱର ଅଫିସ,୧୪।୧୧

ବାଲେଶ୍ୱର ଫକୀରମୋହନ ଗୋଲେଇରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିବା ଉଡ଼ନ୍ତା ପୋଲର ଠିକ୍ ମରାମତି ଦାବିରେ ଆସନ୍ତା ୧୮ରେ ସିଭିଲ୍ ସୋସାଇଟି ତତ୍ତ୍ୱାବଧାନରେ ବିଭିନ୍ନ ସାମାଜିକ ଓ ଗଣସଂଗଠନ ପକ୍ଷରୁ ମିଳିତ ଗଣଧାରଣା ଦିଆଯିବ। ଏ ନେଇ ଶନିବାର ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି।
ରାଜ୍ୟର ପ୍ରଥମ ଓ ବାଲେଶ୍ୱରର ଜୀବନରେଖା କୁହାଯାଉଥିବା ଉଡ଼ନ୍ତାପୋଲର ମରାମତି କାର୍ଯ୍ୟ ସଠିକ୍‌ମାନର ହେଉ ନ ଥିବା ଅଭିଯୋଗ ଉପରେ ଏହି ବୈଠକ ଆହ୍ୱାନ କରାଯାଇଥିଲା। ପତୁଆଁପଦା ସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନ ସଭାଗୃହରେ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସାମାଜିକ ଓ ଗଣସଂଗଠନର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ ପ୍ରଥମେ ପୋଲର ନିମ୍ନଭାଗରେ କାର୍ଯ୍ୟ ଶେଷ ନ କରି ଉପରିଭାଗରେ ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ବିସ୍ମୟ ପ୍ରକାଶ କରିଥିଲେ। ପ୍ରାୟ ୯ କୋଟି ଟଙ୍କା ଅଟକଳରେ ମରାମତି କାର୍ଯ୍ୟର ଅର୍ଥ ତୋଷରପାତ ନ ହେଉ ବୋଲି ସେମାନେ ମତ ଦେଇଥିଲେ। ସିଭିଲ୍ ସୋସାଇଟି ପକ୍ଷରୁ ଜିଲାପାଳଙ୍କୁ ଏହି ଘଟଣାରେ ଲିଖିତ ଅଭିଯୋଗ ଦେଲେ ମଧ୍ୟ ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଜିଲା ପ୍ରଶାସନ ଭ୍ରୂକ୍ଷେପ କରୁ ନ ଥିବା ସମ୍ପର୍କରେ ସୋସାଇଟିର ସମ୍ପାଦକ ତଥା ଆଇନଜୀବୀ ମନୋଜ ନାୟକ ଅଭିଯୋଗ କରିଥିଲେ। ବୈଠକରେ ସିଭିଲ୍ ସୋସାଇଟି ପକ୍ଷରୁ ମୋକଦ୍ଦମା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ କରୁଣାକର ରଥ ଯୋଗଦେଇ ଜନଗଣଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ଅଦାଲତ ଦେଇଥିବା ଆଦେଶର ତର୍ଜମା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ଜିଲା ସମ୍ପାଦକ ତଥା ସିଭିଲ୍ ସୋସାଇଟିର ଉପଦେଷ୍ଟା ଲକ୍ଷ୍ମୀଧର ବେହେରା ଓ ଗୌରାଙ୍ଗ ପାଣିଗ୍ରାହୀ ଉଡ଼ନ୍ତାପୋଲର ମରାମତି ନିମିତ୍ତ ଦୀର୍ଘବର୍ଷ ଧରି ସୋସାଇଟିର ଉଦ୍ୟମ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥମଞ୍ଜୁରୀ ପରେ ବି ପ୍ରଶାସନର ଅପାରଗତା ପାଇଁ ମରାମତି କାର୍ଯ୍ୟ ବିଳମ୍ବ ଓ ନିମ୍ନମାନର ହେଉଥିବାର ଦର୍ଶାଇଥିଲେ। ବିଭିନ୍ନ ସଂଗଠନ ପକ୍ଷରୁ ରଘୁନାଥ ଲେଙ୍କା, ଶ୍ରଦ୍ଧାଞ୍ଜଳି ରାୟ, ପ୍ରଦୀପ କୁମାର ଚାଟାର୍ଜୀ, ଅନୁସୂୟା ନାୟକ, ବାସନ୍ତୀ ସାମଲ, ଶତ୍ରୁଘ୍ନ ମଲ୍ଲିକ୍, ପ୍ରଜ୍ଞା ପାରମିତା ମହାନ୍ତି, ବାସନ୍ତୀ ନାୟକ, ସୀତାରାମ ପ୍ରଧାନ, ଅର୍ଚ୍ଚନା ନନ୍ଦୀ, ମହମ୍ମଦ ଇସଲାମ୍, ଭଗବାନ ମହନୀ, ବେଣୁଧର ରାଉଳ, ପରମେଶ୍ୱର ପାତ୍ର, ଅଜିତ୍ କୁମାର ବରାଳ ଓ ଶରତ ଚନ୍ଦ୍ର ଦଳେଇ ପ୍ରମୁଖ ଉପସ୍ଥିତ ରହି ମିଳିତ ଗଣଧାରଣା ପାଇଁ ନିଷ୍ପତ୍ତି ନେଇଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ସିଭିଲ୍ ସୋସାଇଟିର କର୍ମକର୍ତ୍ତା।

